## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ଗୁରୁତର

ଚନ୍ଦାହାଣ୍ଡି,୩୧।୧୨(ଡି.ଏନ୍.ଏ.)- ଚନ୍ଦାହାଣ୍ଡି ବ୍ଲକ ଜମାଦାରପଡାରେ ବାଇକ ଧକ୍କାରେ କୋଇଲିମୁଣ୍ଡା ପଞ୍ଚାୟତ ଫଂଟାମୁଣ୍ଡା ଗ୍ରାମର ଦାମୋଦର ଟୋଲଟିଆ(୪୭) ଗୁରୁତର ହୋଇଛନ୍ତି। ତାଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ନବରଙ୍ଗପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ବାଇକ ଆରୋହୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି ।

### ଉଜ୍ଜ୍ୱଳା ସାନିଟାରି ନାପକିନ୍‌ର ଶୁଭାରମ୍ଭ

ନବରଙ୍ଗପୁର,୩୧।୧୨(ବି.ପ୍ର.)- ନବରଙ୍ଗପୁର ସଦର ବ୍ଲକ ଅଗ୍ନିପୁର ପଞ୍ଚାୟତରେ ଉଜ୍ଜ୍ୱଳା ସାନିଟାରି ନାପକିନର ଶୁଭାରମ୍ଭ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରବୀଣା କଲାର, ସମ୍ମାନିତ ଅତିଥି ଜିଲା ନୋଡାଲ ଅଫିସର କଳ୍ପଧର, ଭଣ୍ଡାର ଘରଣୀ ଗ୍ୟାସ ଡ୍ରିଷ୍ଟିବ୍ୟୁଟର ମୁନା ଶତପଥି, ଜିଲା ମ୍ୟାନେଜର ସୁବାଷ ଚନ୍ଦ୍ର ପରିଡା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବଳରାମ ବେହେରା ଆୟୋଜିତ କରିଥିଲେ ।

# ଆହାର କେନ୍ଦ୍ରରେ ରାତ୍ରିଭୋଜନର ଶୁଭାରମ୍ଭ

**ନବରଙ୍ଗପୁର,୩୧।୧୨(ବି.ପ୍ର)**

ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନା ପରିସରରେ ଥିବା ଆହାର କେନ୍ଦ୍ରରେ ସୋମବାର ରାତ୍ରି ଭୋଜନ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ମନୋହର ରନ୍ଧାରୀ, ଜିଲାପାଳ ଅଜିତ କୁମାର ମିଶ୍ର, ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିନୟ କୁମାର ପଟେଲ ଯୋଗ ଦେଇଥିଲେ। ପୂର୍ବରୁ ରୋଗୀଙ୍କ ସମ୍ପର୍କୀୟଙ୍କୁ ଖାଦ୍ୟ ପାଇଁ ଦୂରକୁ ଯିବାକୁ ପଡୁଥିଲା। ଆହାର ଯୋଜନାରେ ରାତ୍ରି କାଳୀନ ଭୋଜନ ବ୍ୟବସ୍ଥା ଦ୍ୱାରା ଏହି ସମସ୍ୟା ସମାଧାନ ହୋଇପାରିଛି। ଏହି କେନ୍ଦ୍ରରେ ଦିନରେ ୫୦୦ ଓ ରାତିରେ ୨୫୦ ଲୋକଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା କରାଯାଉଛି। ଏହାଦ୍ୱାରା ଗରିବ ଓ ଶ୍ରମିକ ଶ୍ରେଣୀର ଲୋକମାନେ ମଧ୍ୟ ସୁଲଭ ମୂଲ୍ୟରେ ଭୋଜନ କରି ପାରୁଛନ୍ତି ବୋଲି ଜିଲାପାଳ କହିଥିଲେ। ଆହାର କେନ୍ଦ୍ରରୁ ଟିକଟ କିଣି ଅତିଥିମାନେ ମଧ୍ୟ ଡାଲମା ଭାତ ଖାଇଥିଲେ। ଏଥିସହ କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଏହି ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି।



ଆହାର କେନ୍ଦ୍ରରେ ଜିଲାପାଳ, ବିଧାୟକ ଓ ଅନ୍ୟମାନେ ଖାଉଛନ୍ତି।

# ତ୍ରିଶକ୍ତି ସାଂସ୍କୃତିକ ସଂଘର ବାର୍ଷିକ ଉତ୍ସବ

**ନବରଙ୍ଗପୁର,୩୧।୧୨(ଡି.ଏନ.ଏ.)–** ସ୍ଥାନୀୟ ସୌରାସାହି ସ୍ଥିତ ବଣିକ ସଂଘ କଲ୍ୟାଣ ମଣ୍ଡପଠାରେ ତ୍ରିଶକ୍ତି ସାଂସ୍କୃତିକ ସଂଘର ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, ଅନ୍ୟତମ ଅତିଥି ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ନବକିଶୋର ପଣ୍ଡା, ସ୍ୱତନ୍ତ୍ର ବିକାଶ ପରିଷଦର ଉପାଧ୍ୟକ୍ଷା ମଞ୍ଜୁଳା ମାଝୀ, ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ଅଶୋକ ପଟ୍ଟନାୟକ, ପୂର୍ବତନ ଜେ.ଜେ. ବୋର୍ଡ ସଦସ୍ୟ ଅବନି ତ୍ରିପାଠୀ, ସଂଘର ଓକିଲ ସିରାଜ ଉଦ୍ଦିନ ଅହମ୍ମଦ, ନିର୍ଦ୍ଦେଶକ ଲାଲୁ ମିଶ୍ର, କୋଷାଧ୍ୟକ୍ଷ ପ୍ରମୁଖ ମଞ୍ଚାସୀନ ଥିଲେ। ସଂଘର ସମ୍ପାଦକ ଶଙ୍କର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରାଧ୍ୟାପକ ଡଃ. ବିଜୟ ମିଶ୍ର, ଜିଲା ଆଇନଜୀବୀ ସଂଘ ସମ୍ପାଦକ ରାମ ପ୍ରସାଦ ପାତ୍ର, ସଂଘର ଉପଦେଷ୍ଟା ଡଃ. ସଂଯୁକ୍ତା ପଣ୍ଡା ଯୋଗ ଦେଇଥିଲେ । ବିନୁସୁନା ଓ ନିର୍ମଳ ସାହୁ ପ୍ରମୁଖ ସହଯୋଗ କହିଥିଲେ । ଏହି ଅବସରରେ ସାଧନା ଏବଂ ତ୍ରିଶକ୍ତି ସିନେ କମ୍ବାଇନ୍ସ ନବରଙ୍ଗପୁର ଦ୍ୱାରା ପ୍ରସ୍ତୁତ ଅଲାଚକ୍ର ଫିଲ୍ମି ପ୍ରଦର୍ଶିତ ହୋଇଥିଲା । ସଂଘର ସଂଯୋଜକ ବିନୁ ଧନ୍ୟବାଦ ଦେଇଥିଲେ।

# ବ୍ରାହ୍ମଣ ସମାଜ ବୈଠକ

**ଡାବୁଗାଁ,୩୧।୧୨(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ଡାବୁଗାଁ ବ୍ଲକ ବ୍ରାହ୍ମଣ ସମାଜ ବୈଠକ ସମାଜ ସଭାପତି ଧୀରେନ୍ଦ୍ର କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ବ୍ରାହ୍ମଣ ସଂଘ ରେଜିଷ୍ଟ୍ରେସନ କିପରି କରାଯିବ, ସଂଘର ବାର୍ଷିକ ଆୟବ୍ୟୟ ହିସାବ ଓ ସମାଜରେ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ବ୍ଲକ ବ୍ରାହ୍ମଣ ସମାଜର ଉପସଭାପତି ରାମେଶ୍ୱର ପାଣିଗ୍ରାହୀ, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ମହାପାତ୍ର, ଉପଦେଷ୍ଟା ଅଜୟ ବଲ୍ଲଭ ପଣ୍ଡା ଓ ସୁରେନ୍ଦ୍ର କୁମାର ମିଶ୍ର, ଆଇନ ପରାମର୍ଶଦାତା ଗୋଦାବରୀଶ ମହାପାତ୍ର, କାଶୀନାଥ ତ୍ରିପାଠୀ, ଲକ୍ଷ୍ମୀକାନ୍ତ ରଥ, ଚୈତନ୍ୟ ଦାଶ, ଗଦାଧର ରଥ, ଦୀନବନ୍ଧୁ ଗନ୍ତାୟତ, ପ୍ରଭାକର ସାବତ, ଶିବ ପ୍ରସାଦ ମିଶ୍ର, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ପ୍ରଶାନ୍ତ ପାଣିଗ୍ରାହୀ, ସତ୍ୟନାରାୟଣ ପଣ୍ଡା, ସରୋଜ କୁମାର ମିଶ୍ର, ଗୋପାଳକୃଷ୍ଣ ପାତ୍ର, ବାବୁଲି ପଣ୍ଡା ଓ ପ୍ରାୟ ୩୦ ରୁ ଉର୍ଦ୍ଧ ବ୍ରାହ୍ମଣମାନେ ଉପସ୍ଥିତ ଥିଲେ ।

# ସ୍ୱାଧୀନତା ସଂଗ୍ରାମୀ ଦାୟାଦଙ୍କ ସମ୍ବର୍ଦ୍ଧନା ସଭା

**ଚନ୍ଦାହାଣ୍ଡି,୩୧।୧୨(ଡି.ଏନ୍.ଏ.)–**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମାଲଗାଁଠାରେ ଚନ୍ଦାହାଣ୍ଡି ସ୍ୱାଧୀନତା ସଂଗ୍ରାମୀ ଶହୀଦ ସ୍ମୃତି କମିଟି ଆନୁକୁଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ଦାୟାଦ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଛି । ସଂଗ୍ରାମୀଙ୍କ ଦାୟାଦ କେଶବ ନାୟକ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ, ପଛୁଆବର୍ଗ ବିକାଶ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ସମ୍ମାନିତ ଅତିଥି ଭାବେ ଓଡ଼ିଶା ସ୍ୱାଧୀନତା ସଂଗ୍ରାମୀ ଶହୀଦ ସ୍ମୃତି ସଂସଦ ଜିଲା ସଂଯୋଜକ ସରାଦୁ ଉତ୍ତରା, ଡାବୁଗାଁ ବ୍ଲକ ସନୁ ମାଝି ସେବାସଂଘ ସଭାପତି ଦଇନୁ ପୂଜାରୀ, ଉମରକୋଟ ବ୍ଲକ ରବିସିଂ ମାଝି ସେବାସଂଘ ସଭାପତି ଗଣେଶ ପୂଜାରୀ, ଝରିଗାଁ ବ୍ଲକ ସ୍ୱାଧୀନତା ସଂଗ୍ରାମୀ ସେବାସଂଘ ସଭାପତି ମଧୁ ଗୌଡ଼, ସମ୍ପାଦକ ବୁଧୁରାମ ଭତ୍ରା, ଉମରକୋଟ ବ୍ଲକ ଉପସଭାପତି ଉତ୍ତମ ଦାସ ମାଣିକପୁରୀ, ରାଇଘର ବ୍ଲକ ସ୍ୱାଧୀନତା ସଂଗ୍ରାମୀ ସେବାସଂଘ ସଭାପତି ସକୃରାମ ଗୌଡ଼, ସମ୍ପାଦକ ବିରବଲ ମାଝି, ଚନ୍ଦାହାଣ୍ଡି ବ୍ଲକ ସ୍ୱାଧୀନତା ସଂଗ୍ରାମୀ ଶହୀଦ ସ୍ମୃତି କମିଟି ସଭାପତି ମନୁ ଗୌଡ଼, ସମ୍ପାଦକ ହରପ୍ରସାଦ ଶବର, ଆବାହକ ଦିଲୀପ କୁମାର ଦାସ, ଡମ୍ବରୁଧର ପାତ୍ର, ମନୁ ଘିବେଲା, ସପୁରସେଟ ଦୁରିଆ, କ୍ଷୀରସିନ୍ଧୁ ନାୟକ, ଗଜେନ୍ଦ୍ର ମାଝି, ବ୍ଲକ ସଭାପତି ଗୌରହରି ନାୟକ, ଜିଲା ପରିଷଦ ସଭ୍ୟ ସନିନ୍ଦ୍ର ଶୋରୀ, ମାଲଗାଁ ସରପଞ୍ଚ ଉର୍ବସୀ ନାୟକ, ସମିତି ସଭ୍ୟା ଜ୍ୟୋସ୍ନାରାଣୀ ନାୟକ, ପୂର୍ବତନ ଉପାଧ୍ୟକ୍ଷା ନିଳେନ୍ଦ୍ରୀ ଗୌଡ଼, ମନସାଏ ପୂଜାରୀ, କ୍ଷୀର ପୂଜାରୀ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଉମରକୋଟ, ଡାବୁଗାଁ, ଝରିଗାଁ, ରାଇଘର, ଚନ୍ଦାହାଣ୍ଡି ବ୍ଲକର ବହୁ ସ୍ୱାଧୀନତା ସଂଗ୍ରାମୀ ଦାୟାଦମାନେ ଉପସ୍ଥିତ ଥିଲେ । ମନ୍ତ୍ରୀ ରମେଶ ଚନ୍ଦ୍ର ମାଝିଙ୍କ ଉଦ୍ୟମକ୍ରମେ ରାଜ୍ୟ ସରକାର ସ୍ୱାଧୀନତା ସଂଗ୍ରାମୀ ଦାୟାଦମାନଙ୍କ ପାଇଁ ବିଭିନ୍ନ ସୁବିଧା ଦେବା ପାଇଁ ଉଦ୍ୟମ କରିଥିବା ଏବଂ ନବରଙ୍ଗପୁର ଜିଲାପାଳଙ୍କ ପତ୍ର ସଂଖ୍ୟା ୩୧୭୮/୨୦୧୮ ପ୍ରକାରେ ଡିସେମ୍ବର ୨୨ ତାରିଖରେ ପାଞ୍ଚଟି ବ୍ଲକର ସ୍ୱାଧୀନତା ସଂଗ୍ରାମୀ ଦାୟାଦମାନଙ୍କୁ ଚିହ୍ନଟ ଅନୁଯାୟୀ ବିଭିନ୍ନ ସୁବିଧା ଦେବା ପାଇଁ ସମସ୍ତ ତହସିଲଦାରମାନଙ୍କୁ ଚିଠି କରିଥିବାରୁ ସମସ୍ତ ଦାୟାଦମାନେ ରାଜ୍ୟ ସରକାର ଏବଂ ମନ୍ତ୍ରୀ ମାଝିଙ୍କୁ କୃତଜ୍ଞତା ଜଣାଇଥିଲେ । ସ୍ୱାଧୀନତା ସଂଗ୍ରାମୀମାନଙ୍କ ଦାୟାଦମାନଙ୍କୁ ପରିଚୟପତ୍ର, ଭୂମିହୀନମାନଙ୍କୁ ଘରବାରୀ ଏବଂ ରହିବା ପାଇଁ ବାସପୋଯୋଗୀ ଗୃହ ସଂଗ୍ରାମୀ କୁଟୀର, ଦେବା ପାଇଁ ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମକୁ ମାଲଗାଁ ଗ୍ରାମବାସୀ ପରିଚାଳନା କରିଥିଲେ ।


CLASSIFIED DISPLAY


















## ସଂକ୍ଷେପରେ

### ଟ୍ରାକ୍ଟରରୁ ଖସି ନାବାଳିକା ମୃତ

ମାଥିଲି, ୩୧।୧୨ : ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ବିମନପାଲି ଗ୍ରାମରେ ସୋମବାର ଟ୍ରାକ୍ଟର ରୁ ଖସି ପଡି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ବିମନପାଲି ଗ୍ରାମର ଗୁପ୍ତ ତାତିଙ୍କ ଝିଅ କମଳି ତାତି (୧୩) । ଖବରରୁ ଜଣାପଡିଛି ସୋମବାର ଗ୍ରାମର ୯ ଜଣ କାମ କରିବାକୁ ଟ୍ରାକ୍ଟରରେ ଯାଇଥିଲେ । ନିକଟସ୍ଥ ପାହାଡରୁ ମେଟାଲ ବୋଝେଇ ହୋଇ ଟ୍ରାକ୍ଟର ଆସୁଥିବା ବେଳେ କମଳି ଟ୍ରାକ୍ଟରର ଡ୍ରାଇଭର ସିଟ ନିକଟରେ ବସିଥିଲେ । ହଠାତ୍ ସେ ଟ୍ରାକ୍ଟରରୁ ତଳକୁ ଖସି ପଡିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ଖବର ପାଇ ପୋଲିସ ଟ୍ରାକ୍ଟର ଜବତ କରିବା ସହ ନାବାଳିକାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ଏକ ମାମଲା ରୁଜୁ କରାଯାଇଥିବା ଆଇଆଇସି ଜନ ଖୁଜୁର କହିଛନ୍ତି ।

### କଂଗ୍ରେସରେ ମିଶିଲେ ୨୧ କର୍ମୀ

ଜୟପୁର,୩୧।୧୨(ନି.ପ୍ର.): ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ବିକାଶମୂଳକ କାର୍ଯ୍ୟ ଭ୍ରଷ୍ଟାଚାର ବିରୋଧୀ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ବିଜେଡି ଛାଡ଼ି ୨୧ ଜଣ କର୍ମୀ କଂଗ୍ରେସରେ ଯୋଗ ଦେଇଛନ୍ତି । ଜୟପୁର ବ୍ଲକ ଅନ୍ତର୍ଗତ ଧନପୁର ପଞ୍ଚାୟତର ଗରୁଡ଼ଗୁଡ଼ା ଗ୍ରାମର ବିଜେଡି କର୍ମୀମାନେ ନବବର୍ଷରେ ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଇଛନ୍ତି । ବିଧାୟକ ବାହିନୀପତି ମଧ ସେମାନଙ୍କୁ ଫୁଲମାଳ ପକାଇ ଦଳରେ ସାମିଲ କରିଛନ୍ତି । ସେମାନେ ହେଲେ ବଳରାମ ଗାଧବା, କୁଳଧର ଗାଧବା, ଡମ୍ବରୁ ଗାଧବା, ଘାସିରାମ ଗାଧବା, ସଦାଶିବ ଗାଧବା, ରାମଚନ୍ଦ୍ର ଗାଧବା, ଗୋବିନ୍ଦ ଗାଧବା, ମନ ହରିଜନ ସାମିଲ ହୋଇ ନିଜ ଅଞ୍ଚଳର ବିକାଶ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

### ଖବରଦାତାଙ୍କ ବିୟୋଗରେ ସ୍ମୃତିସଭା

କୋରାପୁଟ, ୩୧।୧୨(ସ୍ୱ.ପ୍ର.): କୋରାପୁଟ ପ୍ରେସ କ୍ଲବ ପକ୍ଷରୁ ରାୟଗଡ଼ାର ଖବରଦାତା ସୁରେଶ ପାଢ଼ୀଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରାଯିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟ ନିରବ ପ୍ରାଥନା କରାଯାଇଛି। କୋରାପୁଟ ପ୍ରେସ କ୍ଲବ ସଭାପତି ଭବାନି ଶଙ୍କର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବହୁ ଖବରଦାତା ଉପସ୍ଥିତ ଥିଲେ ।


ହିନ୍ଦୁ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ ।


ସମାବେଶରେ ଉପସ୍ଥିତ ଅବିଭକ୍ତ କୋରାପୁଟ ଜିଲାର ଜନତା ।

# ଜୟପୁରରେ ବିଶାଳ ହିନ୍ଦୁ ସମ୍ମିଳନୀ

## ‘ସରକାର ଅଧାଦେଶ ଆଣି ମନ୍ଦିର ନିର୍ମାଣ ପାଇଁ ବାଟ ଫିଟାନ୍ତୁ’

ଜୟପୁର,୩୧।୧୨ (ଡି.ଏନ୍.ଏ./ନି.ପ୍ର.)

ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସୋମବାର ସ୍ଥାନୀୟ ଦଶହରା ପଡିଆରେ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଏବଂ ମାଲକାନଗିରି ଜିଲାର ୧୫ ହଜାରରୁ ଊର୍ଦ୍ଧ୍ୱ ଭିଏଚ୍‌ପି ସଦସ୍ୟ ଓ ସାଧାରଣ ଲୋକ ଯୋଗ ଦେଇଛନ୍ତି। ମଧ୍ୟାହ୍ନରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଭିଏଚ୍‌ପି କେନ୍ଦ୍ରୀୟ ମାର୍ଗଦର୍ଶକ ମଣ୍ଡଳୀ ସଦସ୍ୟ ମହାବଳେଶ୍ୱର ଅଖିଳେଶ୍ୱର ନନ୍ଦଗିରି ମହାରାଜ ଯୋଗଦେଇ କହିଛନ୍ତି, ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ପାଇଁ ସୁପ୍ରିମକୋର୍ଟଙ୍କ ବାହାନାରେ ବିଳମ୍ବ କରାଯାଉଛି । ସୁପ୍ରିମକୋର୍ଟରେ ଏହି ମାମଲା ୮ ବର୍ଷ ହେଲାଣି ଚାଲିଥିବା ବେଳେ ହିନ୍ଦୁମାନଙ୍କୁ ନ୍ୟାୟ ମିଳିପାରୁ ନାହିଁ। ହିନ୍ଦୁର ଆସ୍ଥା ପାଇଁ ଏ ଲଢ଼େଇ କରାଯାଉଛି। କେନ୍ଦ୍ର ସରକାର ସଂସଦରେ ଅଧାଦେଶ ଆଣନ୍ତୁ ଓ ମନ୍ଦିର ନିର୍ମାଣ ପାଇଁ ବାଟ ଫିଟାଇବାକୁ ସେ ଆହ୍ୱାନ ଦେଇଛନ୍ତି। ସେହିପରି ଚୈତ୍ର ମାସରେ ସମସ୍ତେ ହିନ୍ଦୁ ନବବର୍ଷ ପାଳନ କରି ଖୁସି ମନାନ୍ତୁ ବୋଲି ସେ କହିଥିଲେ। ଭିଏଚ୍‌ପି ଜିଲା ସଂପାଦକ କମଳାକାନ୍ତ ବିଶ୍ୱାଳ ସମ୍ମିଳନୀ ପରିଚାଳନା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ତେଜେଶ୍ୱର ପଣ୍ଡା ଅତିଥି ପରିଚୟ ଓ ସଭାପତି ବାବବାହୀ ବଜରଙ୍ଗୀ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ଜିଲାର ପ୍ରଚାରକ ସ୍ୱରୂପାନନ୍ଦ ସରସ୍ୱତୀ, ଭିଏଚ୍‌ପି ସଭାପତି ପ୍ରଫୁଲ୍ଲ ପାତ୍ର, କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ସାହୁ, ନବରଙ୍ଗପୁର ଜିଲା ସଭାପତି ନାରାୟଣ ପଣ୍ଡା, କାର୍ଯ୍ୟକାରୀ ସଭାପତି ଭବାନୀ ଚନ୍ଦ୍ର ବହିଦାର, ମାଲକାନଗିରି ଜିଲା ସଭାପତି ତପନ ସାନା, କାର୍ଯ୍ୟକାରୀ ସଭାପତି ଯୁଗଳ ଭାଇ, ପ୍ରାନ୍ତ ସଂଗଠକ ଶରତ ପ୍ରଧାନ, ଉପସଭାପତି ନବକୃଷ୍ଣ ରଥ ଉପସ୍ଥିତ ଥିଲେ।

# ୮ରୁ ଦେଶବ୍ୟାପୀ ଧର୍ମଘଟ

## ଆହ୍ୱାନ ଦେଲା ମିଳିତ ଟ୍ରେଡ ୟୁନିୟନ କନଭେନସନ

ଜୟପୁର,୩୧।୧୨(ନି.ପ୍ର.)

୧୨ ଦଫା ଦାବି ନେଇ ଆସନ୍ତା ୮ ଓ ୯ ତାରିଖ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରିବେ ଶ୍ରମିକ, କୃଷକ, ଶ୍ରମଜୀବୀ । ଏହାକୁ ସଫଳ କରିବା ପାଇଁ କୋରାପୁଟ ଜିଲାର ସବୁ ଶ୍ରମିକ ସଂଗଠନ ଓ ଗଣ ସଙ୍ଗଠନଙ୍କୁ ନେଇ ଜୟପୁର ଟାଉନ ହଲରେ ମିଳିତ ସମାବେଶ ହୋଇଛି। କନଭେନସନ କୋର୍ଡିନେସନ କମିଟିର ଉପ ସଭାପତି ନଳିନୀ ରଥ ଏଥିରେ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ପ୍ରମୋଦ ମହାନ୍ତି ସୂଚନା ରଖିଥିଲେ। ଏନେଇ ଏକ ବିଶାଳ ଶୋଭାଯାତ୍ର ସହର ପରିକ୍ରମା କରିଥିଲା। ଦରଦାମ ବୃଦ୍ଧି ରୋକିବା, ପେଟ୍ରୋଲ ଓ ଡିଜେଲ ଦର ସଠିକ ନିୟନ୍ତ୍ରଣ, ବେକାର ଯୁବକଙ୍କୁ ନିଯୁକ୍ତି, ଶ୍ରମ ଆଇନକୁ ମାଲିକ ସପକ୍ଷବାଦୀ ବନ୍ଦ କରିବା, ସାମାଜିକ ସୁରକ୍ଷା ଯୋଗାଇବା, ସମସ୍ତଙ୍କୁ ସମାନ, ମାଗଣା ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା, ଶିକ୍ଷା ଓ ସ୍ୱାସ୍ଥ୍ୟର ବଜାରିକରଣ ବନ୍ଦ କରିବା, ଘରୋଇକରଣ ବନ୍ଦ କରିବା, ୪୫ ଦିନ ଭିତରେ ଟ୍ରେଡ ୟୁନିୟନ ରେଜିଷ୍ଟ୍ରେସନ କରିବା, ସମାନ କାମକୁ ସମାନ ଦରମା ଭଳି ଦାବି ରହିଛି। ଶେଷରେ ସଂଗଠନ ସମ୍ପାଦକ ଯୁଧିଷ୍ଠିର ରାଉଳ ଧନ୍ୟବାଦ ଦେଇଥିଲେ।

# କାଳିଆ ଯୋଜନା ସମ୍ପର୍କିତ ବୈଠକ


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧି ।

ବନ୍ଧୁଗାଁ,୩୧।୧୨(ଡି.ଏନ୍.ଏ)

ବନ୍ଧୁଗାଁ ବ୍ଲକ୍‌ର ସରକାରୀ ଅଧିକାରୀ ଏବଂ ରାଜନେତାଙ୍କୁ ନେଇ କାଳିଆ ଯୋଜନା ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଜେଡି ବ୍ଲକ୍ ସଭାପତି ବାଲା ନାଗ, ବିଡିଓ ମନୋଜ କୁମାର ନାୟକ, ଜିପିଇଓ ସୁରେଶ ପଟ୍ଟନାୟକ, ଭିଏଏସ୍ ସୌମ୍ୟରଞ୍ଜନ ମିଶ୍ର, କୃଷି ବିଭାଗ ଅଧିକାରୀ ଜିଭି ରାଓଙ୍କ ସହ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ ଯୋଗଦେଇଥିଲେ। କ୍ଷୁଦ୍ର, ନାମମାତ୍ର ଚାଷୀଙ୍କୁ ଆର୍ଥିକ ସହାୟତା, ଭୂମିହୀନ ପରିବାରକୁ ଜୀବିକା, ଚାଷୀ ପରିବାରକୁ ପେନ୍‌ସନ୍ ପ୍ରଦାନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି।

# ହାଡ଼ଭଙ୍ଗା ଜାଡ଼ରେ ଧାନ ଜଗୁଛି ଚାଷୀ

## ମଣ୍ଡିରେ ଧାନ କିଣିବାକୁ ପ୍ରଶାସନକୁ ନିବେଦନ

କୁନ୍ଦୁରା,୩୧।୧୨(ଡି.ଏନ୍.ଏ)


ବାରଣ୍ଡାରେ ଧାନ ଥୁଆ ହୋଇଛି ।

ଜାଡ଼ରେ ଥରୁଛି ସାରା ଓଡ଼ିଶା। ରାତିରେ ଘରୁ ବାହାର କରିଦେଉନି ଜାଡ଼। କିନ୍ତୁ ଅମଳ ଧାନ ବିକି ନ ପାରି କେଉଁ ଚାଷୀ ଖଳାରେ ତ ଆଉ କେଉଁମାନେ ବାରଣ୍ଡାରେ ରଖି ଜଗୁଛନ୍ତି। ଡେରିରେ କୁନ୍ଦୁରା ବ୍ଲକ୍‌ରେ ଧାନ ମଣ୍ଡି ଖୋଲିଥିବାରୁ ଅଧିକାଂଶ ଚାଷୀ ଧାନ ବିକିପାରି ନାହାନ୍ତି। ନିୟମାନୁସାରେ ନଭେମ୍ବର ମାସରେ ଖରିଫ ଋତୁରେ ଧାନମଣ୍ଡି ଶୁଭାରମ୍ଭ ହେବା କଥା। କିନ୍ତୁ ମିଲ୍ ମାଲିକଙ୍କ ଅସହଯୋଗ ଯୋଗୁ ତାହା କୁନ୍ଦୁରା ବ୍ଲକରେ ଏକ ମାସ ବିଳମ୍ବରେ ଅର୍ଥାତ୍ ଡିସେମ୍ବରରେ ଖୋଲାଗଲା। ଏହାସହ ପ୍ରଶାସନ ମଣ୍ଡିରେ ୨ ହଜାର କୁଇଣ୍ଟାଲ ଧାନ କିଣିବା ନେଇ ଧାର୍ଯ୍ୟ କରିଥିଲା। ଏହାକୁ ନେଇ ଚାଷୀମାନେ ମର୍ମାହତ ହୋଇଛନ୍ତି। କାରଣ ଏବେ ସୁଦ୍ଧା ଅନେକ ଚାଷୀଙ୍କ ଧାନ କିଣା ହୋଇନାହିଁ। କୋରାପୁଟ ଜିଲାର ୮୦ପ୍ରତିଶତ ଜାଗାରେ ସ୍ଥାୟୀ ମଣ୍ଡିସ୍ଥଳ ନଥିବା ଯୋଗୁ ଚାଷୀମାନେ ଅସ୍ଥାୟୀ ମଣ୍ଡିରେ ଧାନ ବିକିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। କୁନ୍ଦୁରା ବ୍ଲକ ଅଧୀନ ୮ଟି ଖରିଫ ଋତୁର ସାପ୍ତାହିକ ମଣ୍ଡି ଡଙ୍ଗରପାଉଁସୀ, କୁନ୍ଦ୍ରା, ଲିମା, ଉଦଲଗୁଡ଼ା, ପକନାଗୁଡ଼ା, ଦିଗାପୁର, ଖଡ୍‌ଲାପଦର, ବାଗ୍‌ଦେରୀରେ ମାତ୍ର ୨୦ ପ୍ରତିଶତ ଧାନ ପ୍ରଶାସନ ପକ୍ଷରୁ କିଣାଯାଇଛି । ଅନେକ ଚାଷୀ ଧାନ ଅମଳ କରି ଘରଦାଣ୍ଡରେ କିମ୍ବା ଧାନଖଳାରେ ରଖି ହାଡ଼ଭଙ୍ଗା ଶୀତରେ ଜଗୁଛନ୍ତି। ଚାଷୀଙ୍କ କହିବାନୁଯାୟୀ, ଗତ ୩୦ବର୍ଷ ମଧ୍ୟରେ ଏଭଳି ଶୀତ ହୋଇ ନ ଥିବାବେଳେ ଏବେ ଧାନଗଦାରେ ଧାନ ଘୋଡ଼ାଯାଇଥିବା ପାଲ ଉପରେ ବରଫ ପଡୁଛି। ମଣ୍ଡିରେ ଧାନ କିଣା ବିଳମ୍ବ ଯୋଗୁ ଦଲାଲମାନେ ସକ୍ରିୟ ହୋଇ ଧାନ କିଣୁଛନ୍ତି। ଚାଷୀ ବାଧହୋଇ ପରିବାର ଖର୍ଚ୍ଚ ନିମନ୍ତେ ଦଲାଲଙ୍କୁ କମ୍ ମୂଲ୍ୟରେ ଧାନ ବିକୁଛନ୍ତି। ଯେଉଁ ଚାଷୀମାନେ ଧାନ ମଣ୍ଡିରେ ବିକିପାରି ନାହାନ୍ତି, ସେମାନଙ୍କଠାରୁ ଯଥାଶୀଘ୍ର କିଣିବା ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ କୁନ୍ଦୁରା ବ୍ଲକ୍ କୃଷକ କଲ୍ୟାଣ ମଞ୍ଚ ଦାବି କରିଛି।

# ପାରଦ ଖସୁଛି, ବଢୁଛି ଜାଡ଼

କୋରାପୁଟ,୩୧।୧୨(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଶୀତର ପ୍ରକୋପ ବୃଦ୍ଧି ପାଉଛି। ସୋମବାର ପାରଦ ୪.୮ ଡିଗ୍ରୀକୁ ଖସିଛି। ଚଳିତ ବର୍ଷର ଜିଲାରେ ସବୁଠୁ ଅଧିକ ଶୀତ ଅନୁଭୂତ ହୋଇଥିବା ଜିଲା ଜରୁରୀ ବିଭାଗ ସୂଚନା ଦେଇଛି। ଜିଲାରେ କୋହଲା ପାଗ ସାଙ୍ଗକୁ ପବନ ବହୁଛି। ଦିନରେ ତାପମାତ୍ରା ୧୫ରୁ ୧୮ ଡିଗ୍ରୀ ରହୁଥିବାବେଳେ ରାତିରେ ୩ରୁ ୫ ଡିଗ୍ରୀ ମଧ୍ୟରେ ରହୁଛି। ଜିଲାର ଲକ୍ଷ୍ମୀପୁର, ପଟ୍ଟାଙ୍ଗି, କୋରାପୁଟ ନାରାୟଣପାଟଣା, ସେମିଳିଗୁଡ଼ା, ନନ୍ଦପୁର, ପାଡୁଆ, ଦେଓମାଳି, କୋଟିଆ, ଚାଟୁଆ, ଅନକାଡେଲି, ଲମତାପୁଟ ଅଞ୍ଚଳରେ ପ୍ରବଳ ଶୀତ ଅନୁଭୂତ ହେଉଛି। ବିଶେଷ କରି ପାହାଡିଆ ଓ ଗ୍ରାମାଞ୍ଚଳରେ ଜାଡ଼ ଅସମ୍ଭାଳ ପଡ଼ିଛି।

# କୋରାପୁଟ ପ୍ରେସ୍ କ୍ଲବରେ ବନ୍ଧୁମିଳନ

କୋରାପୁଟ, ୩୧।୧୨(ସ୍ୱ.ପ୍ର.)

କୋରାପୁଟ ପ୍ରେସ କ୍ଲବର ବନ୍ଧୁମିଳନ ସୋମବାର ଅନୁଷ୍ଠିତ ହୋଇଛି । ଏଥିରେ ବିଧାୟକ ତାରାପ୍ରସାଦ ବାହିନୀପତି, ଖବରଦାତା ପ୍ରସନ୍ନ ମହାନ୍ତି, ଅକ୍ଷୟ ସାହୁ, ସୁଧାଂଶୁଙ୍କ ସମେତ କୋରାପୁଟ ପ୍ରେସ କ୍ଲବର ସଭାପତି ଭବାନି ଶଙ୍କର ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ବାହିନୀପତି ନିଜ ଜନ୍ମ ଦିବସ ଏଠାରେ ପାଳିଥିଲେ। ସେ କହିଥିଲେ, ତଳୁ ଉପରସ୍ତର ପର୍ଯ୍ୟନ୍ତ ଦୁର୍ନୀତି ଥିବାରୁ ଏହା ଜିଲାର ବିକାଶରେ ପ୍ରତିବନ୍ଧକ ସାଜିଛି। ନୂତନ ବର୍ଷରୁ ଦୁର୍ନୀତି ହଟାଇବା ପାଇଁ ସମସ୍ତେ ସଙ୍କଳ୍ପ ନେବାକୁ ସେ ଆହ୍ୱାନ ଦେଇଥିଲେ। ପୂର୍ବତନ ପୌରାଧକ୍ଷ ଭଗବାନ ବାହିନୀପତି, ଖବରଦାତା ସି.ଏଚ୍. ସାନ୍ତାକାର, ବିଦ୍ୟା ଚୌଧୁରୀ, ଅମିତାଭ ବେହେରା, ରଞ୍ଜନ ଦାସ, ଲକ୍ଷ୍ମୀ ପ୍ରସାଦ ରଥ, ପ୍ରଶାନ୍ତ ସାମନ୍ତରାୟ, ଘନଶ୍ୟାମ ରଥ, ପତିତପାବନ ସାହୁ, ପରିକ୍ଷୀତ ବିଶ୍ୱାଳ, ବାବୁଲ ସିଂ, ଟୁଟୁ ପଣ୍ଡା, ଅରୁଣ ଦାସ, ମନୋଜ ନାୟକ, ଅର୍ଜୁନ ଦାସ, ଜିତେନ୍ଦ୍ର ମିଶ୍ର, ଗୋପାଳ ପାଢ଼ୀ, ସତ୍ୟଜିତ ମହାନ୍ତି, ଶଶାଙ୍କ ମୋହନ ଗୁରୁ ଉପସ୍ଥିତ ଥିଲେ ।

# କ୍ରିକେଟ୍ ଟୁର୍ନାମେଣ୍ଟ, ଡଙ୍ଗରଛିଞ୍ଚି ବିଜୟୀ

ଜୟପୁର,୩୧।୧୨(ନି.ପ୍ର.)



ଖେଳାଳିମାନଙ୍କୁ ପୁରସ୍କୃତ କରୁଛନ୍ତି ବିଧାୟକ ତାରା ପ୍ରସାଦ ବାହିନୀପତି ।

ଜୟପୁର ବ୍ଲକ ଅନ୍ତର୍ଗତ ଧନପୁର ପଞ୍ଚାୟତର ଗରୁଡ଼ଗୁଡ଼ା ଗ୍ରାମରେ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ ଦଳେଇପୁଟ ବନାମ ଡଙ୍ଗରଛିଞ୍ଚି ମଧ୍ୟରେ ଖେଳାଯାଇଥିଲା। ଡଙ୍ଗରଛିଞ୍ଚି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ସହ ଦଳେଇପୁଟ ଦଳକୁ ୫୫ ରନର ବିଜୟ ଲକ୍ଷ୍ୟ ଦେଇଥିଲା । କିନ୍ତୁ ନିର୍ଦ୍ଧାରିତ ଓଭର ନ ସରୁଣୁ ଦଳେଇପୁଟ ଦଳ ଅଲ ଆଉଟ ହେବାରୁ ଡଙ୍ଗରଛିଞ୍ଚି ବିଜୟୀ ହୋଇଥିଲା। ଏଠାରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଏହି ମ୍ୟାଚରେ ଅନ୍ୟମାନଙ୍କ ମଧ୍ୟରେ ଭାସ୍କର ପଟ୍ଟନାୟକ, ଗିରିଶ ପାଣିଗ୍ରାହୀ, ଦିଲାବର ସାହା ଉପସ୍ଥିତ ଥିଲେ।

# ସୁପରଭାଇଜରଙ୍କ ବୈଠକ: ନିଯୁକ୍ତି ସ୍ଥାୟୀ ଦାବି

କୋରାପୁଟ,୩୧।୧୨(ସ୍ୱ.ପ୍ର.)

ଅଙ୍ଗନୱାଡ଼ି କର୍ମୀରୁ ପଦୋନ୍ନତି ପାଇ ଚୁକ୍ତିଭିତ୍ତିକ ସୁପରଭାଇଜର ହୋଇଥିବା କର୍ମଚାରୀମାନେ ନିଯୁକ୍ତି ସ୍ଥାୟୀ ଦାବି କରିଛନ୍ତି। ଦୀର୍ଘ ୨୦ରୁ ୨୫ ବର୍ଷ ବିଭିନ୍ନ ଜିଲାରେ କାର୍ଯ୍ୟକରି ଶେଷରେ ସୁପରଭାଇଜର ହୋଇଥିଲେ ମଧ୍ୟ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ମିଳି ନ ଥିବା ଅଭିଯୋଗ ହୋଇଛି।

ସୁପରଭାଇଜରମାନେ ସ୍ଥାନୀୟ ଶାବର ଶ୍ରୀକ୍ଷେତ୍ର ପରିସରରେ ଏକତ୍ରିତ ହୋଇ ଏକ ବୈଠକ ଆୟୋଜନ କରିଥିଲେ। ୨୦୧୬-୧୭ ମସିହାରେ କୋରାପୁଟର ୨୮ , ରାୟଗଡ଼ାର ୧୪, କଳାହାଣ୍ଡି ୨୮, ମାଲକାନଗିରି ଜିଲାର ୧୧ ଜଣ ଅଙ୍ଗନୱାଡି କର୍ମୀରୁ ସୁପରଭାଇଜର ଭାବେ ପଦୋନ୍ନତି ପାଇ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିଲେ ମଧ୍ୟ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ମିଳି ନାହିଁ। ତେଣୁ ସରକାର ସ୍ଥାୟୀ ନିଯୁକ୍ତି ଦେବା ସହିତ ସମାନ କାର୍ଯ୍ୟକୁ ସମାନ ଦରମା ଦିଅନ୍ତୁ ବୋଲି ବୈଠକରେ ସେମାନେ ଦାବି କରିଛନ୍ତି। ଏନେଇ ସେମାନେ ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦେବେ ବୋଲି କହିଛନ୍ତି। କିନ୍ତୁ ୨୦୧୧ ମସିହାରେ ଅଙ୍ଗନୱାଡ଼ି କର୍ମୀରୁ ସୁପରଭାଇଜର ହୋଇଥିବା ମହିଳାଙ୍କ ନିଯୁକ୍ତିକୁ ସ୍ଥାୟୀ କରାଯାଇଥିବା ଅଭିଯୋଗ ହୋଇଛି। ବୈଠକରେ ସରୋଜିନି ସାହୁ, ରେଣୁବାଳା ପରିଡ଼ା, ଉର୍ମିଳା ମିଶ୍ର, ବୃନ୍ଦାବତୀ ଖରା, ନିରୂପମା ମଲ୍ଲିକ, ଅନପୂର୍ଣ୍ଣା ସାହୁ, ଅର୍ପିତା ଖୋସ୍ଲାଙ୍କ ସମେତ ଅବିଭକ୍ତ କୋରାପୁଟ ଜିଲାର ୫୦ରୁ ଊର୍ଦ୍ଧ୍ୱ ପଦୋନ୍ନତି ପାଇଥିବା ସୁପରଭାଇଜରମାନେ ଉପସ୍ଥିତ ଥିଲେ ।

# ବେଆଇନ ଭାବେ ଗଡୁଛି ଅଟୋ

ନନ୍ଦପୁର,୩୧।୧୨(ଡି.ଏନ୍.ଏ.)



କାଠଭର୍ତ୍ତି ଅଟୋ ରାସ୍ତାରେ ବିପଦପୂର୍ଣ୍ଣ ଭାବେ ଯାଉଛି ।

ନନ୍ଦପୁରଠାରୁ ସୀମାନ୍ତ ଚାଟୁଆ, ଜଲାପୁଟ, ପାଡୁଆ ଅଞ୍ଚଳରେ ବେଆଇନ ଭାବେ ତିନିଚକିଆ ଅଟୋ ଚାଲୁଛି। ଏହାସହ ଆନ୍ଧ୍ର ନମ୍ବର ଥାଇ ବହୁ ଅଟୋ ଓଡ଼ିଶା ପରିବହନ ବିଭାଗର ବିନା ଅନୁମତିରେ ଯାତ୍ରୀ ନେବା ଆଣିବା ସାଙ୍ଗକୁ ଜିନିଷପତ୍ର ପରିବହନ କରୁଛନ୍ତି। ଆବଶ୍ୟକଠାରୁ ଅଧିକ ଯାତ୍ରୀଙ୍କୁ ବିପଦପୂର୍ଣ୍ଣ ଭାବେ ନେବା ଆଣିବା କରୁଥିବା ଦେଖିବାକୁ ମିଳୁଛି। କ୍ଷମତାଠାରୁ ଅଧିକ ଓଜନ ଯୋଗୁଁ ବହୁ ସମୟରେ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେଉଛି। ଏଥିସହ ବିନା ଲାଇସେନ୍ସ ଏବଂ ନାବାଳକମାନେ ଅଟୋ ଚଳାଉଥିବା ଯୋଗୁଁ ଅଧିକ ଦୁର୍ଘଟଣା ଆଶଙ୍କା ରହୁଛି। ପରିବହନ ବିଭାଗ ଏ ଦିଗରେ ଦୃଷ୍ଟି ଦେବା ସହ ପୋଲିସ ବିଭାଗ ମଧ ଯାଞ୍ଚ କଡ଼ାକଡ଼ି କରିବା ପାଇଁ ଦାବି ହେଉଛି।

## ବାଗ୍ରୀବେଡ଼ାକୁ ରାସ୍ତା ସଂଯୋଗ

# ମିଳିଲା କାର୍ଯ୍ୟାଦେଶ

ଦଶମନ୍ତପୁର,୩୧।୧୨(ଡି.ଏନ୍.ଏ)

ଦଶମନ୍ତପୁର ଅନ୍ତର୍ଗତ ନନ୍ଦିଗାଁ ପଞ୍ଚାୟତ ଅଧୀନ ବାଗ୍ରୀବେଡ଼ା ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ କାର୍ଯ୍ୟାଦେଶ ହୋଇଛି। ବାଗ୍ରୀବେଡ଼ା ଗ୍ରାମଠାରୁ ମାଳିବିଶାଳୀଗାଁକୁ ପଡ଼ିଥିବା ପାଦଚଲା ଘାଟି, ଖାଲଖମା ରାସ୍ତାକୁ ପକ୍କା ରାସ୍ତା ଏବଂ ଏକ କଲଭର୍ଟ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟାଦେଶ ଦିଆଯାଇଛି। ବଳଭଦ୍ର ଟାକ୍ରୀଙ୍କୁ ଉକ୍ତ କାମ ମିଳିଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି, ୩୧।୧୨(ସ୍ୱ.ପ୍ର.): ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅନୁପମ ଶାହା ଏବଂ ଜିଲା ଆରକ୍ଷୀ ଅଧିକ୍ଷକ ଅମୂଲ୍ୟ କୁମାର ଦାସ ଯୋଗଦେଇ ମୋଟ ୨୫ଟି ଅଭିଯୋଗ ଶୁଣିଥିଲେ। ଅଭିଯୋଗଗୁଡ଼ିକ ମଧ୍ୟରେ ତିତ୍‌ଲି ସହାୟତା ରାଶି, ଜମିକ୍ଷୟକ୍ଷତି ମାମଲା, ପାନୀୟଜଳ ଇତ୍ୟାଦି ରହିଥିଲା। ସିଡିଏମ୍‌ଓ ସରୋଜ କୁମାର ମିଶ୍ର, ବିଧାୟକ କେ.ସୂରିୟା ରାଓ, ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଶିକ୍ଷାବିତ୍‌ଙ୍କ ପରଲୋକ

ପାରଳାଖେମୁଣ୍ଡି, ୩୧।୧୨(ସ୍ୱ.ପ୍ର.): ପାରଳାଖେମୁଣ୍ଡିସ୍ଥିତ ଏସ୍‌କେସିଜି କଲେଜର ପୂର୍ବତନ ଅଧ୍ୟକ୍ଷ ସୀମାଦ୍ରୀ ପ୍ରସାଦ ରଥ(୭୫)ଙ୍କର ପୁରୀଠାରେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ପାରଳାଖେମୁଣ୍ଡିରେ ଜନ୍ମଲାଭ କରିବା ସହ ଦୀର୍ଘବର୍ଷ ଧରି କର୍ମମୟ ଜୀବନ ବିତାଇଥିଲେ। ଅବସର ପରେ ସେ ପୁରୀରେ ରହୁଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

■ ଆମ ପୋଲିସ ପକ୍ଷରୁ ବୈଠକ

# ୨୧୫ ବରିଷ୍ଠ ନାଗରିକଙ୍କୁ ମିଳିଲା ପରିଚୟପତ୍ର

ପାରଳାଖେମୁଣ୍ଡି, ୩୧।୧୨(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ଥାନା ପରିସରରେ ସୋମବାର 'ଆମ ପୋଲିସ' ପକ୍ଷରୁ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନା ଅଧିକାରୀ ବାବୁଲି ନାୟକ ସଭାପତିତ୍ୱ କରି କହିଥିଲେ ଯେ, ବରିଷ୍ଠ ନାଗରିକମାନେ ଦୂରଯାତ୍ରା, ବ୍ୟାଙ୍କରେ ଦେଣ ନେଣ କିମ୍ବା କୌଣସି ହିଂସାର ଶିକାର ସମୟରେ ଏହି ପରିଚୟପତ୍ର ଦେଖାଇ ସୁରକ୍ଷା ସହାୟତା ପାଇପାରିବେ। ସେହିପରି ବରିଷ୍ଠ ନାଗରିକମାନେ ପୋଲିସ ସହ ଉତ୍ତମ ସମ୍ପର୍କ ରଖିବା ସହିତ କୌଣସି ଅସୁବିଧାରେ ପଡ଼ିଲେ ବା ଠକାମୀର ଶିକାର ହେଲେ ତୁରନ୍ତ ପୋଲିସର ସାହାଯ୍ୟ ନେବା ଆବଶ୍ୟକ। ସର୍ବଦା ନିଜ ବ୍ୟାଙ୍କ ଏଟିଏମ୍ ପିନ୍ ନମ୍ବରକୁ ଗୋପନୀୟ ରଖିବା ଓ ବ୍ୟାଙ୍କ କାରବାର ବେଳେ ନିଜ ପରିବାରର କୌଣସି ନିକଟତମ ବ୍ୟକ୍ତିଙ୍କୁ ସାଙ୍ଗରେ ନେବାକୁ ଥାନାଧିକାରୀ ପରାମର୍ଶ ଦେଇଥିଲେ। ଏସ୍‌ଆଇ ଚନ୍ଦ୍ରକାନ୍ତ ପ୍ରଧାନ, ଏଏସ୍‌ଆଇ ଭୋଳାନାଥ ପଣ୍ଡା, ପୀତବାସ ଶତପଥି, ପି.କେ.ତାରିଣୀଙ୍କ ସମେତ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।



ଥାନାଧିକାରୀଙ୍କ ସହ ପରିଚୟ ପତ୍ର ପରିଧାନ କରିଥିବା ବରିଷ୍ଠ ନାଗରିକମାନେ।

## ରାମଗୋପାଳ ରାଓଙ୍କ ଶ୍ରାଦ୍ଧବାର୍ଷିକୀ

ପାରଳାଖେମୁଣ୍ଡି, ୩୧।୧୨(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ସିପିଏମ୍ କାର୍ଯ୍ୟାଳୟରେ ଦଳର ବରିଷ୍ଠ ନେତା ଏଲ୍.ରାମଗୋପାଳ ରାଓଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ରାଓଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ରାଜ୍ୟ ସମ୍ପାଦକ ମଣ୍ଡଳୀର ବରିଷ୍ଠ ନେତା ଜଗନ୍ନାଥ ମିଶ୍ର ଯୋଗଦେଇ ସ୍ୱର୍ଗତ ରାଓ ଗରିବ, ଖଟିଖିଆ ଓ ଆଦିବାସୀଙ୍କ ପାଇଁ ଲଢେଇ କରୁଥିଲେ ବୋଲି କହିଥିଲେ । ସଭାରେ ସିପିଆଇ ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଦଣ୍ଡପାଣି ରଇତ, ଜିଲା ମଣ୍ଡଳୀର ଜେନା ସୁଭାଷ ଚନ୍ଦ୍ର ରାଓ, ମୋହିତ ମିଶାଲ, ମାନସ ଜେନା, ପି. ମୁରଲୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିର ୱାର୍ଡ କମିଟି ବୈଠକ

ପାରଳାଖେମୁଣ୍ଡି, ୩୧।୧୨ (ସ୍ୱ.ପ୍ର.)

ଗଜପତି ଜିଲା ବିଜେଡି ପକ୍ଷରୁ ପାରଳାଖେମୁଣ୍ଡିର ଗୁଣ୍ଡିଚାବାଡି ପଡିଆରେ ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଗର ସଭାପତି ଜମିଦାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଜିଲା ସଂଯୋଜକ ଲବଣୀ ମହାନନ୍ଦ ଯୋଗଦେଇ ରାଜ୍ୟ ସରକାରଙ୍କ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲା ସଭାପତି ପ୍ରଦୀପ କୁମାର ନାୟକ ଦଳୀୟ କର୍ମୀଙ୍କୁ ଏକାଠି ହୋଇ ଲୋକଙ୍କ ହିତ ପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ବିଧାୟକ କେ.ନାରାୟଣ ରାଓ, ଜିଲା ଯୁବ ବିଜେଡି ସଭାପତି ପି.କ୍ରିଷ୍ଣା, ଉପସଭାପତି ଲକ୍ଷ୍ମୀକାନ୍ତ ପରିଚ୍ଛା, ନୃସିଂହ ଚରଣ ପଟ୍ଟନାୟକ, ନେତ୍ରୀ ସଞ୍ଜୁକ୍ତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

■ ରାଜ୍ୟସ୍ତରୀୟ ଦୌଡକୁଦ ପ୍ରତିଯୋଗିତା

# ଗଜପତି ଜିଲାର ୩ ପ୍ରତିଯୋଗୀଙ୍କୁ ସଫଳତା

ପାରଳାଖେମୁଣ୍ଡି, ୩୧।୧୨(ସ୍ୱ.ପ୍ର.)

ଗଜପତିଜିଲାର ୩ଜଣ ପ୍ରତିଯୋଗୀଙ୍କୁ ୬୬ତମ ରାଜ୍ୟସ୍ତରୀୟ ଦୌଡକୁଦ ପ୍ରତିଯୋଗିତାରେ ସଫଳତା ମିଳିଛି। ଗତ ୨୮ରୁ ୩୦ତାରିଖ ପର୍ଯ୍ୟନ୍ତ ଓଡିଶା ଆଥଲେଟିକ୍ ସଂଘର ଆନୁକୁଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଦୌଡକୁଦ ପ୍ରତିଯୋଗିତାରେ ଗଜପତି ଜିଲାର ଜିନୁ ରଇତ (୨୮ ବର୍ଷ ବାଳକ ବିଭାଗ) ୩ହଜାର ମିଟର ଦୌଡରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିପରି ୨୦ବର୍ଷ ବାଳକ ବିଭାଗରେ ମହେଶ ଧବଳ ପୋଲ ହୋଲ୍ଡରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୦ବର୍ଷ ବାଳକ ବିଭାଗରେ ସୁରେନ୍ଦ୍ର ଆଙ୍କୁଲ ରୌପ୍ୟ ପଦକ ପାଇଛନ୍ତି। ଏଥିପାଇଁ ଏହି ପ୍ରତିଯୋଗୀମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।



# ତିତ୍‌ଲି ବିପନ୍ନଙ୍କୁ ସହାୟତା ବଣ୍ଟନ

ପାରଳାଖେମୁଣ୍ଡି, ୩୧।୧୨(ସ୍ୱ.ପ୍ର.)

ଗଜପତି ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସିସିଡି' ପକ୍ଷରୁ ଆର୍.ଉଦୟଗିରି ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଅଧୀନ ଜାମୁଡୋଲ, ଅନ୍ତରବା, ପୋଲସୋରା, ନୂଆସାହି, ଦିହୁଡିସାହି ଇତ୍ୟାଦି ଗ୍ରାମରେ ତିତ୍‌ଲି ବିପନ୍ନମାନଙ୍କୁ ସହାୟତା ଯୋଗାଇ ଦିଆଯାଇଛି। ସେହିପରି ରାୟଗଡ ବ୍ଲକ ଏଙ୍ଗାରସିଂ ପଞ୍ଚାୟତର ସରଗିସାହି, ବେହେରା ସାହି ଓ ପୋତ୍ତାର ଇତ୍ୟାଦି ଗ୍ରାମରେ ମଧ୍ୟ ସହାୟତା ଦିଆଯାଇଛି । ମୋଟ ୪୯୮ ପରିବାରଙ୍କୁ ଶାଢୀ, ପ୍ଲେଟ, ଗ୍ଲାସ, ଗାମୁଛା, ଲୁଙ୍ଗି , ପ୍ୟାଣ୍ଟ ଆଦି ସମେତ ଚାଷ ପାଇଁ ୧୦ପ୍ରକାର ମଞ୍ଜି ପ୍ରଦାନ କରାଯାଇଛି। ଜର୍ମାନୀର ଏକ ସଂସ୍ଥା ଆର୍ଥିକ ସହାୟତାରେ ଏହା ବଣ୍ଟନ ହୋଇଛି। ଏହି କାର୍ଯ୍ୟରେ ସିସିଡି ସଭାପତି ଏ ଜଗନ୍ନାଥ ରାଜୁ, ସଂଯୋଜକ ଏ.ପଦ୍ମାରାଜୁ, ମଙ୍ଗରାଜପୁର ସରପଞ୍ଚ ରୁବିତା ଭୂୟାଁ ପ୍ରମୁଖ ସହଯୋଗ କରିଥିଲେ।


CLASSIFIED DISPLAY


















## ସଂକ୍ଷେପରେ



### ୧୯୯୯ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

**ଆମ୍ବାଦୋଳା,୩୧।୧୨(ଡ଼ି.ଏନ.ଏ):** ଆମ୍ବାଦୋଳା ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପରିସରରେ ରବିବାର ୧୯୯୯ ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୁରାତନ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନବୀନ କଂସ ବେହେରା ସଭାପତିତ୍ୱ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଅବସରପ୍ରାପ୍ତ ପୂର୍ବତନ ଶିକ୍ଷକ ତ୍ରିପତି ଗୁରୁ, ସୀମାଞ୍ଚଳ ତ୍ରିପାଠୀ, ବିଜୟ କୁମାର ପାଢ଼ୀ, ପଞ୍ଚାନନ ନାୟକ, ଲାଲ ଲଚ୍ଛମନ ଲାଲ, ଜଗନ୍ନାଥ ଦାସ, ସନ୍ୟାସୀ ସ୍ୱାଇଁ,ସୀମାଞ୍ଚଳ ତ୍ରିପାଠୀ, ରମେଶଚନ୍ଦ୍ର ମାଝି, ବାସୁଦେବ ନାୟକ, ଅରୁଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ର ସନ୍ତୋଷ କୁମାର ସାହୁ ଭଜନ ପରିବେଷଣ କରିଥିଲେ । ପରେ ପୁରାତନ ଛାତ୍ର ଓ ଶିକ୍ଷକ ସ୍ମୃତି ବଖାଣିଥିଲେ ।

### ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ବୈଠକ

**ଚନ୍ଦ୍ରପୁର,୩୧।୧୨(ଡ଼ି.ଏନ.ଏ):** ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ସଭାଗୃହରେ ସୋମବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଆସନ୍ତା ୪ ତାରିଖରେ ଅନୁଷ୍ଠିତ ହେବ । ଏହା କିପରି ସୁରୁଖୁରୁରେ ହେବ ସେନେଇ ଆଲୋଚନା ହୋଇଥିଲା । ବ୍ଲକ ଅଧ୍ୟକ୍ଷା ସଙ୍ଗୀତା ପ୍ରଟିଙ୍ଗା ମୁଖ୍ୟ ଅତିଥି, ବିଡ଼ିଓ ଜର୍ଜ ଡୁଙ୍ଗଡୁଙ୍ଗ,ସହକାରୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ବେହେରା,ଉଦ୍ଧବ ଶବର ସମ୍ମାନିତ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

### ସାଇକେଲରୁ ପଡ଼ି ଜଣେ ଗୁରୁତର

**ଟିକିରି,୩୧।୧୨(ଡ଼ି.ଏନ.ଏ):** ରାୟଗଡ଼ା ଜିଲା କାଶୀପୁର ବ୍ଲକର ଦୁଡୁକାବାହାଲ ପଞ୍ଚାୟତର କାଳିଆପଡ଼ା ଗ୍ରାମ ପାଖରେ ସାଇକେଲରୁ ପଡ଼ି ଜଣେ ଯୁବକ ଗୁରୁତର ହୋଇଛନ୍ତି । ସେ ହେଲେ ଯଦୁ ମାଝି । ସେ ଗାଁକୁ ଯାଉଥିବା ବେଳେ କୌଣସି କାରଣରୁ ସାଇକେଲରୁ ଖସି ପଡ଼ିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ।

# କାଶୀପୁରରେ ତୁଷାରପାତ

**ଟିକିରି/ମୁନିଗୁଡ଼ା, ୩୧।୧୨(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଶୀତର ପ୍ରକୋପ ବୃଦ୍ଧି ପାଇଛି । ତାପମାତ୍ରାର ପାରଦ ତଳକୁ ଖସୁଥିବା ବେଳେ ସୋମବାର ସକାଳେ କିଛି ସ୍ଥାନରେ ତୁଷାରପାତ ହୋଇଛି । ପ୍ରବଳ ଶୀତ ଯୋଗୁ ଲୋକେ ସକାଳ ୯ଟା ପୂର୍ବରୁ ଘରୁ ବାହାରୁ ନାହାନ୍ତି । ଏମିତି କି ପୂର୍ବାହ୍ଣ ୯ଟା ପରେ ଦୋକାନବଜାର ଖୋଲୁଥିବା ଦେଖିବାକୁ ମିଳିଛି । ସେହିପରି ଗୃହପାଳିତ ପଶୁମାନେ ମଧ୍ୟ ଶୀତରେ ଡ଼ହଳବିକଳ ହେଉଛନ୍ତି । ଦିନରେ ତାପମାତ୍ରା ୧୨ ଡ଼ିଗ୍ରୀ ରହୁଥିବା ବେଳେ ରାତିରେ ୬ ଡ଼ିଗ୍ରୀ ରହୁଛି । ସେହିପରି ମୁନିଗୁଡ଼ାରେ ଗତ ୪ ଦିନ ହେବ ପ୍ରବଳ ଶୀତ ଯୋଗୁ ଲୋକେ ଘରୁ ବାହାରିବା କଷ୍ଟକର ହୋଇପଡିଛି । ତାପମାତ୍ରା ୭ ଡିଗ୍ରୀ ତଳକୁ ଖସିଥିବା ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ଚଳିତ ବର୍ଷ ଶୀତର ପ୍ରଭାବ ଅଧିକ ଥିବାରୁ ମୁନିଗୁଡ଼ା ଅଞ୍ଚଳରେ ଘନ କୁକୁଡି ସହ ସକାଳ ୯ଟା ପର୍ଯ୍ୟନ୍ତ ଦୋକାନ ବଜାର ବନ୍ଦ ରହୁଥିବା ଲକ୍ଷ୍ୟ କରାଯାଉଛି । ଏଥି ସହ ମୁନିଗୁଡ଼ାରୁ କନ୍ଧମାଳ, ଗଜପତି,କଳାହାଣ୍ଡି ଓ ଚନ୍ଦ୍ରପୁର ଅଞ୍ଚଳକୁ ଯାଉଥିବା ଯାନବାହନ ବିଳମ୍ବରେ ଯାତାୟାତ କରୁଛି । ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଅନେକ ସ୍ଥାନରେ ଲୋକେ ନିଆଁ ଜାଳି ବସି ରହିଥିବା ଦେଖାଦେଇଛି । ଏହି ଥଣ୍ଡା ଯୋଗୁ ପାହାଡିଆ ଅଞ୍ଚଳରେ ଥିବା ଗ୍ରାମଗୁଡିକର ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ମୁନିଗୁଡା ସତ୍ୟସାଇ ସେବା ସଂଘ ଓ ମୁନିଗୁଡ଼ା ନ୍ୟୁଜ୍ ହେଲପିଂ ହ୍ୟାଣ୍ଡସ ଯୁବ ସଂଗଠନ ତରଫରୁ କମ୍ବଳ ଓ ଶୀତବସ୍ତ୍ର ବଣ୍ଟନ କରାଯାଇଛି ।



ମୁନିଗୁଡ଼ାରେ ଜଣେ ବୃଦ୍ଧାଙ୍କୁ କମ୍ବଳ ପ୍ରଦାନ କରାଯାଉଛି ।



ଚିପ୍ସ ଗଦା ଉପରେ ପଡିଥିବା ତୁଷାର ।

# ୪ ନୂତନ ପମ୍ପ୍ ହାଉସ୍ ଉଦ୍‌ଘାଟିତ

**ରାୟଗଡା ଅଫିସ୍, ୩୧।୧୨**

ରାୟଗଡା ସହରର ବିଭିନ୍ନ ସ୍ଥାନରେ ନୂତନ ଭାବେ ୪ଟି ପମ୍ପ ହାଉସ୍ ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପମ୍ପ ହାଉସ୍‌ଗୁଡିକ ଉଦ୍‌ଘାଟନ କରିଥିଲେ । ରାୟଗଡା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଲାଲ୍‌ବିହାରୀ ହିମିରିକା ଓ ଜିଲାପାଳ ଗୁହା ପୁନମ ତାପସ କୁମାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସହରର ନ୍ୟୁକଲୋନୀ, କୋଅପରେଟିଭ କଲୋନୀ, ରାଣୀଗୁଡା ମଙ୍ଗଳା ମନ୍ଦିର ନିକଟ ଓ ଶାସ୍ତ୍ରୀନଗରଠାରେ ପାନୀୟ ଜଳ ସମସ୍ୟା ରହିଥିଲା । ତାହାକୁ ଦୂର କରିବା ନିମନ୍ତେ ପମ୍ପ ହାଉସ୍ ନିର୍ମାଣ କରାଯାଇ ଭୂତଳ ଜଳ ଉତ୍ତୋଳନ ହେବ ବୋଲି ମତପ୍ରକାଶ ପାଇଥିଲା । ସେହିଭଳି ସହରରେ ଥିବା ଜଳ ସମସ୍ୟା ଦୂର କରିବା ନିମନ୍ତେ ୨୦ ପ୍ରକଳ୍ପକୁ ମଧ୍ୟ ସୋମବାର ଉଦ୍‌ଘାଟନ କରାଯାଇଛି । ଉକ୍ତ ଜଳକୁ ପାଇପ୍ ଯୋଗେ ପ୍ରତ୍ୟେକ ଘରକୁ ଯୋଗାଣ ହେବ ବୋଲି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । କାର୍ଯ୍ୟକ୍ରମକୁ ସହକାରୀ ନିର୍ବାହୀଯନ୍ତ୍ରୀ ସାରଦା ପ୍ରସନ୍ନ ନାୟକ ଓ ଅନ୍ୟ କର୍ମଚାରୀ ପରିଚାଳନା କରିଥିଲେ ।



ଏକ ପମ୍ପ ହାଉସକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

# ଖୋଲା ଶୌଚମୁକ୍ତ ଘୋଷଣା ନିମନ୍ତେ ସାଧାରଣ ସଭା



ସଭାରେ ଉପସ୍ଥିତ ଅତିଥି ।

**ଗୁଡାରୀ,୩୧।୧୨(ଡି.ଏନ୍.ଏ.)**

ଗୁଡାରୀ ସହରକୁ ଖୋଲା ଶୌଚମୁକ୍ତ ସହର ଘୋଷଣା ନିମନ୍ତେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଗାୟତ୍ରୀ ଦେବୀ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ତ୍ରିନାଥ ଗମାଙ୍ଗ ମୁଖ୍ୟ ଅତିଥି , ଏମ୍‌ପି ପ୍ରତିନିଧି କେ. ରାମକ୍ରିଷ୍ଣା, ବିନୟ ବିକ୍ରମ ପରିଛା, ପୂର୍ବତନ ଉପାଧ୍ୟକ୍ଷ ଶିବ ସାହୁ ଓ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ସାମଲ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଅନେକ ସହର ବାସିନ୍ଦା ଶୌଚାଳୟ ବ୍ୟବହାର ନ କରି ବାହାରେ ମଳତ୍ୟାଗ କରୁଛନ୍ତି । ତେଣୁ ସମସ୍ତେ କିପରି ଶୌଚାଳୟ ବ୍ୟବହାର କରିବେ ସେ ନେଇ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମ ନେଇ ସହରବାସୀଙ୍କୁ ଅବଗତ କରାଯାଇ ନ ଥିବା ଅଭିଯୋଗ ହୋଇଛି । ଏନ୍‌ଏସି ତରଫରୁ ୬ଟି ଗୋଷ୍ଠୀ ଶୌଚାଳୟ ନିର୍ମାଣାଧୀନ ରହିଛି । ହେଲେ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇ ପାରି ନ ଥିବା ଅଭିଯୋଗ ହୋଇଛି । ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ସାହୁଙ୍କୁ ପଚାରିବାରୁ, ଆସନ୍ତା ସପ୍ତାହକ ମଧ୍ୟରେ ସମସ୍ତ ଗୋଷ୍ଠୀ ଶୌଚାଳୟ କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମକୁ ଦିଲୀପ କୁମାର ସାହୁ ପରିଚାଳନା କରିଥିଲେ ।

# ସାମାଜିକ କର୍ମୀଙ୍କ ପରଲୋକ

**ରାୟଗଡା ଅଫିସ୍, ୩୧।୧୨**

ରାୟଗଡା ଜିଲାର ସାମାଜିକ କର୍ମୀ ତଥା ବରିଷ୍ଠ ଖବରଦାତା ସୁରେଶ ପାଢ଼ୀ(୪୧)ଙ୍କ ସୋମବାର ପରଲୋକ ଘଟିଛି । ଗତ କିଛିଦିନ ହେବ ସେ କିଡ୍‌ନୀ ରୋଗରେ ପୀଡିତ ଥିଲେ । ସୋମବାର କଟକ ଠାରେ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ସେ ଜଣେ ମେଳାପୀ ଏବଂ ବନ୍ଧୁବତ୍ସଳ ଭାବେ ସମଗ୍ର ଜିଲାରେ ବେଶ ପରିଚିତ ଥିଲେ । ରାୟଗଡା ପ୍ରେସ୍ କ୍ଲବ୍‌ର ପୂର୍ବତନ ଉପସଭାପତି ଭାବେ ସେ ତାଙ୍କ ଦାୟିତ୍ୱ ତୁଲାଇଛନ୍ତି । ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, ଏକମାତ୍ର ପୁତ୍ର, ବଡଭାଇ ଓ ସାନଭାଇ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ, ଏମପି ଝିନ୍ନ ହିକ୍‌କା, ରାୟଗଡା ବିଧାୟକ ଲାଲ୍‌ବିହାରୀ ହିମିରିକା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ଗୁଡାରୀରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ଗୁଡାରୀ, ୩୧।୧୨(ଡି.ଏନ.ଏ.)**

ଚଳିତବର୍ଷର ଜିଲାପାଳଙ୍କ ଅନ୍ତିମ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଗୁଡ଼ାରୀରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳଙ୍କ ଅନୁପସ୍ଥିତିରେ ଗୁଣୁପୁର ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଗୋରାଚାନ୍ଦ ଗମାଙ୍ଗ ଅଭିଯୋଗ ଶୁଣିଥିଲେ । ଏଥିରେ ମୋଟ ୬୧ ଅଭିଯୋଗର ଶୁଣାଣି ହୋଇଥିଲା । ତନ୍ମଧ୍ୟରୁ ବ୍ୟକ୍ତିଗତ ୫୩, ଗୋଷ୍ଠୀଗତ ୩ ଏବଂ ସ୍ୱାସ୍ଥ୍ୟଗତ ୫ ଅଭିଯୋଗ ଥିଲା । ଅଭିଯୋଗ ଶୁଣାଣିରେ ବ୍ଲକ ଅଧ୍ୟକ୍ଷା ଶାନ୍ତି ଜାଗାରାଙ୍ଗା, ବିଡିଓ ନୃସିଂହ ଚରଣ ସେଠୀଙ୍କ ସମେତ ଅନେକ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ସ୍ଥାନୀୟ ପୋଲିସ ଥାନା ଅଧିକାରୀ ଉଦୟନାଥ ସେଠୀଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା । ବ୍ଲକ କର୍ମଚାରୀ ସୁରିବାବୁ, ମଙ୍ଗଳ ସଂପ୍ରସାରଣ ଅଧିକାରୀ, କନିଷ୍ଠ ଯନ୍ତ୍ରୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ ।



ଅଭିଯୋଗ ଶୁଣାଣିରେ ଯୋଗ ଦେଉଥିବା ଅଧିକାରୀମାନେ ।

# ଟାଏକୋଣ୍ଡୋ ପ୍ରତିଯୋଗିତା: ରାୟଗଡ଼ାକୁ ୧୭ ପଦକ

**ରାୟଗଡା ଅଫିସ୍, ୩୧।୧୨**

୩୩ତମ ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ରାୟଗଡା ସଫଳତା ହାସଲ କରିଛି । ଏହି ପ୍ରତିଯୋଗିତାରେ ରାୟଗଡାରୁ ୨୨ ଜଣ ଭାଗ ନେଇଥିଲେ । ସେଥିମଧ୍ୟରୁ ୧୭ ଜଣ ୩ ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୬ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏଥିସହ ସାମୂହିକ ଟାଏକୋଣ୍ଡୋ ପ୍ରତିଯୋଗିତାରେ ମଧ୍ୟ ୩ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଆନ୍ଧ୍ରପ୍ରଦେଶର ବିଜୟୱାଡାସ୍ଥିତ ଦାଣ୍ଡାମୁଡି ରାଜା ଗୋପାଲ ରାଓ ଇଣ୍ଡୋର ଷ୍ଟାଡିୟମ୍‌ରେ ଗତ ୨୮ରୁ ୩୦ତାରିଖ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ଫେଡେରେଶନ ପକ୍ଷରୁ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ରାୟଗଡା ଜିଲା ସ୍ପୋର୍ଟ୍ସ ଓ ମାର୍ସିଆଲ ଆର୍ଟ୍ସ ଆସୋସିଏଶନ୍ ପକ୍ଷରୁ ଏହି ପ୍ରତିଯୋଗିତାରେ ଖେଳାଳିମାନେ ଅଂଶଗ୍ରହଣ କରିଥିଲେ । ମୁଖ୍ୟ କୋଚ୍ ଅର୍ଜୁନ ବୁଦ୍ଧାୟକ ଏବଂ ମ୍ୟାନେଜର ପ୍ରଶାନ୍ତ ପ୍ରଧାନ ଉପସ୍ଥିତ ରହି ଖେଳାଳିମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବିଜୟୀ ଖେଳାଳିମାନେ ସୋମବାର ସନ୍ଧ୍ୟାରେ ରାୟଗଡା ସହରରେ ପହଞ୍ଚିବା ପରେ ବିଭିନ୍ନ ମହଲରୁ ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।



ବିଜୟୀ ଖେଳାଳିମାନେ ପଦକ ଦେଖାଉଛନ୍ତି ।

# ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଦାବିପତ୍ର

**ଗୁଡ଼ାରୀ,୩୧।୧୨(ଡ଼ି.ଏନ.ଏ)**

ଗୁଡ଼ାରୀ ଅଞ୍ଚଳର ଉନ୍ନତି ନିମନ୍ତେ ସୋମବାର ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଗୁଣପୁର ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଗୋରାଚାନ୍ଦ ଗମାଙ୍ଗଙ୍କୁ ପ୍ରଦାନ କରାଯାଇଛି । ବିକାଶ ପରିଷଦର ସଭାପତି ଗଙ୍ଗାଧର ଚଲାଣଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ୭ ଦଫା ଦାବି ସମ୍ବଳିତ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ । କାରାସିଂ ଛକଠାରୁ ଚନ୍ଦ୍ରପୁରକୁ ରାସ୍ତା ନିର୍ମାଣ, ବାଡ଼ିଗୁଡ଼ା ନାଳରେ ପୋଲ ନିର୍ମାଣ, ଖାରିକୁଟି ନାଳରେ ଜଳସେଚନ ବ୍ୟବସ୍ଥା, ପାଣିଡ଼ଙ୍ଗରଠାରେ ବଂଶଧାରା ନଦୀରେ ବନ୍ଧ ନିର୍ମାଣ, ଗୁଡ଼ାରୀରେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ, ବସ୍ତିବାସିନ୍ଦାଙ୍କୁ ଘରଡ଼ିହ ପଟ୍ଟା ପ୍ରଦାନ,ତିତ୍‌ଲି କ୍ଷୟକ୍ଷତି ପ୍ରଦାନ ଆଦି ଦାବି କରିଥିଲେ ।






# ପାଣି ଟାଙ୍କି ନିର୍ମାଣ ନେଇ ଦାବିପତ୍ର

**ରାୟଗଡା ଅଫିସ୍, ୩୧।୧୨**

ରାୟଗଡ଼ା ବ୍ଲକ ହାଲୁଆ ପଞ୍ଚାୟତ ଜପାଖାଲ ଗ୍ରାମବାସୀ ଗ୍ରାମରେ ଏକ ପାଣି ଟାଙ୍କି ନିର୍ମାଣ ନେଇ ସୋମବାର ଏକ ଦାବିପତ୍ର ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କୁ ପ୍ରଦାନ କରିଛନ୍ତି । ଏଥିରେ ଉଲ୍ଲେଖ ରହିଛି ଯେ, ଉକ୍ତ ଗ୍ରାମରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି । ଗାଁରେ ଲୋକସଂଖ୍ୟା ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ । ଗ୍ରାମରେ କେବଳ ଗୋଟିଏ ମାତ୍ର ନଳକୂପ ରହିଛି । ଫଳରେ ଲୋକେ ବହୁତ ଅସୁବିଧା ଭୋଗୁଛନ୍ତି । ତାହା ବର୍ତ୍ତମାନ ଖରାପ ଅଛି । ତେଣୁ ଗାଁ ଲୋକେ ନିକଟସ୍ଥ ନଦୀ ଉପରେ ନିର୍ଭର କରୁଛନ୍ତି । ନଦୀଜଳ ପିଇ ନାନାଦି ରୋଗରେ ପୀଡିତ ମଧ୍ୟ ହେଉଛନ୍ତି । ଏନେଇ ଗତ ୬ ତାରିଖରେ ଗ୍ରାମବାସୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଇଥିଲେ । କିନ୍ତୁ ସେ ଏହାର କୌଣସି ପଦକ୍ଷେପ ନେଲେ ନାହିଁ । ତେଣୁ ଏକ ପାଣି ଟାଙ୍କି ନିର୍ମାଣ ହେଲେ ବହୁ ଲୋକ ଉପକୃତ ହେବେ । ଯଦି ୩୦ଦିନ ଭିତରେ ଏହା ଉପରେ କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ଗ୍ରାମବାସୀ ୩୨୬ନମ୍ବର ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି । ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର କାସମା ହୁଇକା, ମୁନା ହୁଇକା, ଆମାଜୀ ହୁଇକା, ଲାଲା ହୁଇକା, କରିସ୍ମା ହୁଇକା, ରଶ୍ମିତା ହୁଇକା, ଅନୁ ହୁଇକା, ନାରା ହୁଇକା ପ୍ରମୁଖ ଉପସ୍ଥିତ ଥିଲେ ।



ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ ।


Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ